# NATIONAL NEWS BULLETIN (ODIA)

**11 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସୁରକ୍ଷିତ ଭବିଷ୍ୟତ ପାଇଁ ଜଳ ସଂରକ୍ଷଣକୁ ଜୀବନର ମନ୍ତ୍ର ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଲେ ରାଷ୍ଟ୍ରପତି
- କେରଳମ୍ ଗସ୍ତ ଅବସରରେ ଆଜି ୧୦ ହଜାର ୮୦୦ କୋଟି ଟଙ୍କା ସମ୍ବଳିତ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

–କୋଚିଠାରେ ଅଖିଳ କେରଳ ଧୀବର ସଭାର ସୁବର୍ଣ୍ଣ ଜୟନ୍ତୀ ସମ୍ମିଳନୀରେ ଯୋଗଦେଲେ

- ଯାତ୍ରୀ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଦେଶବ୍ୟାପୀ ୮ ହଜାର ୫୭୦ କିଲୋମିଟର ରେଳଧାରଣାରେ କବଚ ବ୍ୟବସ୍ଥା ହୋଇଥିବା ଲୋକସଭାରେ ରେଳମନ୍ତ୍ରୀଙ୍କ ସୂଚନା
- ହର୍ମୋଜ ପ୍ରଣାଳୀ ନିକଟରେ ନାଭାଲ୍ ମାଇନ୍ ଖଞ୍ଜୁଥିବା ୧୬ଟି ଇରାନୀ ଜାହାଜକୁ ଧ୍ୱଂସ କଲା ଆମେରିକା ନୌବାହିନୀ

ଏବଂ

- ୨୨ ବର୍ଷ ପରେ ଭାରତ ଆୟୋଜନ କରିବ ଆନ୍ତର୍ଜାତିକ ଧନୁ ଚାଳନା ପ୍ରତିଯୋଗିତା

---

# ପ୍ରେଜ୍-ଜଳ ଶକ୍ତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଜଳ ମହୋତ୍ସବ ୨୦୨୬ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଜଳକୁ ସଂରକ୍ଷଣ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି । ଜଳକୁ ଦୁର୍ଲଭ ସମ୍ପଦ ଭାବେ ବିବେଚନା କରି ଏହାର ସଂରକ୍ଷଣ କରିବା ପାଇଁ ସେ ଆହ୍ୱାନ କରିଛନ୍ତି । ସୁରକ୍ଷିତ ଭାବିଷ୍ୟତ ପାଇଁ ଜଳ ସଂରକ୍ଷଣକୁ କେବଳ ଏକ ଅଭ୍ୟାସ ଭାବେ ନୁହେଁ, ଜୀବନର ମନ୍ତ୍ର ଭାବେ ଗ୍ରହଣ କରିବାକୁ ରାଷ୍ଟ୍ରପତି କହିଛନ୍ତି । ନଳ ଜଳ ମିତ୍ର କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ଗ୍ରାମାଞ୍ଚଳ ଯୁବକ ଓ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ରାଷ୍ଟ୍ରପତି କହିଛନ୍ତି ।

**V/O**

କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ  ସିଆର୍ ପାଟିଲ୍‌ଙ୍କ ସମେତ ମନ୍ତ୍ରୀ ଭି. ସୋମାନା ଏବଂ ରାଜଭୂଷଣ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ପିଏମ୍-କେରଳମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେରଳମ କୋଚିଠାରେ ଆଜି ଅଖିଳ କେରଳ ଧୀବର ସଭାର ସୁବର୍ଣ୍ଣ ଜୟନ୍ତୀ ସମ୍ମିଳନୀରେ ଅଂଶ ଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଛନ୍ତି, ଧୀବର ସଂପ୍ରଦାୟର ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଧୀବର ସଭା ଗତ ୫୦ ବର୍ଷ ଧରି ନିରବଚ୍ଛିନ୍ନ କାର୍ଯ୍ୟ କରୁଛି । ଏହି ଅବସରରେ ସେ ଧୀବର ସଭାର ସମସ୍ତ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

**V/O**

କେରଳମ୍ ଗସ୍ତ ଅବସରରେ ଆଜି ଅପରାହ୍ନରେ ଶ୍ରୀ ମୋଦୀ ୧୦ ହଜାର ୮୦୦ କୋଟି ଟଙ୍କା ସମ୍ବଳିତ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଓ ଉତ୍ସର୍ଗ କରିବେ । କୋଚିଠାରେ ପ୍ରଧାନମନ୍ତ୍ରୀ ୫ ହଜାର ୫୦୦ କୋଟି ଟଙ୍କା ସମ୍ବଳିତ ପଲିପ୍ରପଲିନ୍ ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଶ୍ରୀ ମୋଦୀ ୬ ଲାଇନ୍ ବିଶିଷ୍ଟ ଜାତୀୟ ରାଜପଥ ସମେତ ୩ଟି ଅମୃତଭାରତ ରେଳଷ୍ଟେସନ ଏବଂ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୩ଟି ନବନିର୍ମିତ ସଂଯୋଗୀକରଣ ରାସ୍ତାର ଉଦ୍‌ଘାଟନ କରିବେ । ପ୍ରଧାନମନ୍ତ୍ରୀ ଏକ ସାଧାରଣସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ତିରୁଚିରାପଲ୍ଲିଠାରୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଦୁଇଟି ଅମୃତଭାରତ ଏକ୍ସପ୍ରେସ୍ ସମେତ ଅନ୍ୟ କେତେକ ଟ୍ରେନ୍‌ର ଶୁଭାରମ୍ଭ କରିବେ । ନୂତନ ଟ୍ରେନ୍ ଚଳାଚଳ ଦ୍ୱାରା ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଝାଡ଼ଖଣ୍ଡ ଓ ଓଡ଼ିଶାର ଯାତ୍ରୀମାନେ ଉପକୃତ ହେବେ । ପୋଦାନୁର-ଧାନବାଦ ଅମୃତ ଭାରତ ଏକ୍ସପ୍ରେସ୍ ଦ୍ୱାରା କୋଏମ୍ବାଟୁରର ଶିଳ୍ପାଞ୍ଚଳ ସହିତ ପୂର୍ବ ଭାରତର କୋଇଲା ଏବଂ ଖଣିଜ ସମ୍ପଦରେ ଭରପୁର ଝାଡ଼ଖଣ୍ଡକୁ ସିଧାସଳଖ ସଂଯୋଗ କରାଯାଇପାରିବ ।

ସେହିଭଳି ନାଗେରକଏଲ୍-ଚାର୍ଲାପାଲ୍ଲି ଏକ୍ସପ୍ରେସ୍ ହେଉଛି – ସମ୍ପୃକ୍ତ ଅଞ୍ଚଳର ପ୍ରଥମ ଅମୃତ ଭାରତ ଏକ୍ସପ୍ରେସ୍ । ଏହି ଟ୍ରେନ୍ ମାଧ୍ୟମରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ପ୍ରାୟ ୨୦ଟି ଜିଲ୍ଲା ମଧ୍ୟରେ

ସଂଯୋଗ ସ୍ଥାପନ କରାଯାଇପାରିବ । ଏହି ଅବସରରେ କେରଳର ସୋରାନୁର, କୁଚିପୁରମ୍ ଏବଂ ଚାଙ୍ଗାନାସେରୀ ତିନୋଟି ଅମୃତ ଭାରତ ଷ୍ଟେସନ୍ ସ୍ଥାପନ କରାଯିବ । ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ପ୍ରାୟ ୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ତିନୋଟି ଷ୍ଟେସନ୍ ନିର୍ମାଣ କରାଯାଇଛି ବୋଲି ରେଳ ମନ୍ତ୍ରଣାଳୟ କହିଛି ।

---

## ଲୋକସଭା-ରେଲଓ୍ୱେ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଲୋକସଭାରେ କହିଛନ୍ତି, ଦେଶବ୍ୟାପୀ ରେଳ ସୁରକ୍ଷା ବ୍ୟବସ୍ଥା 'କବଚ' କାର୍ଯ୍ୟ ଦ୍ରୁତଗତିରେ କରାଯାଉଛି । ଲୋକସଭାରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ୫ଟି ସବ୍‌ସିଷ୍ଟମ ଥିବା 'କବଚ' ଅତ୍ୟନ୍ତ ଜଟିଳ ସୁରକ୍ଷା ବ୍ୟବସ୍ଥା । ଏଥିପାଇଁ ୮ ହଜାର ୫୭୦ କିଲୋମିଟର ରେଳଧାରଣାରେ ଅପ୍ଟିକାଲ୍ ଫାଇଭର କେବଲ୍, ୧୧ଶହ ଟାୱାର ଏବଂ ୭୬୭ଟି ଡାଟା କେନ୍ଦ୍ର ସ୍ଥାପନ କରାଯାଇଛି । ଦେଶରେ ୧୯୯୦ ମସିହାରୁ କବଚ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବାର ଆବଶ୍ୟକତା ଥିଲା । ତେବେ ୨୦୧୪ ମସିହାରେ ନରେନ୍ଦ୍ର ମୋଦୀ  ପ୍ରଧାନମନ୍ତ୍ରୀ ହେବା ପରେ ଏହାକୁ ଆରମ୍ଭ କରାଯାଇଛି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ଅଣ୍ଡରପାସ୍ ଓ ଓଭର୍‌ପାସ୍ ନିର୍ମାଣ କରାଯାଇଛି । ବନ୍ୟପ୍ରାଣୀ ବିଶେଷକରି ହାତୀମାନଙ୍କୁ ସୁରକ୍ଷା ଦେବା ପାଇଁ ଅପ୍ଟିକାଲ୍ ଫାଇଭର୍ କେବଲ୍ ଓ ଏଆଇ କ୍ୟାମେରାର ବ୍ୟବସ୍ଥା କରାଯାଇଛି । **V/O**

କୋଙ୍କଣ ରେଳମଣ୍ଡଳରେ ଟନେଲ୍ ଏବଂ ରେଳଧାରଣା କାର୍ଯ୍ୟକୁ ବିକଶିତ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଏଲ୍ଏସ୍ -ରିଜୋଲ୍ୟୁସନ, ଓମ୍‌ବିର୍ଲା

ଲୋକସଭାରେ ବାଚସ୍ପତିଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ ହୋଇଛି । ଆଲୋଚନାରେ ଅଂଶଗ୍ରହଣ କରି ବିଜେପି ସାଂସଦ ରବି ଶଙ୍କର ପ୍ରସାଦ କହିଛନ୍ତି, ବିରୋଧୀ ଦଳର କେତେକ ନେତା ଅନ୍ୟ କେତେକ ନେତାଙ୍କ ସ୍ୱାର୍ଥ ସାଧନ ପାଇଁ ଏଭଳି ପ୍ରସ୍ତାବ ଆଗତ କରିଛନ୍ତି । ଶ୍ରୀ ପ୍ରସାଦ ଭାରତୀୟ ସମ୍ବିଧାନ, ସଂସଦ ଏବଂ ନିର୍ବାଚନ କମିଶନଙ୍କ ବିରୁଦ୍ଧରେ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ ସମାଲୋଚନା କରୁଛନ୍ତି ।

କଂଗ୍ରେସ ସାଂସଦ ଡକ୍ଟର ମହମ୍ମଦ ଜାଭେଦ୍ ଗତକାଲି ଅନାସ୍ଥା ପ୍ରସ୍ତାବ ଆଗତ କରିବା ପରେ ତାହା ଆଲୋଚନା ପାଇଁ ଗ୍ରହଣ କରାଯାଇଥିଲା ।

---

## ୱେଷ୍ଟ ଏସିଆ କନ୍‌ଫ୍ଲିକ୍ଟ

ପଶ୍ଚିମ ଏସିଆରେ ଗତ କେତେଘଣ୍ଟା ଧରି ସଂଘର୍ଷ ଓ  ପରସ୍ପର ଉପରେ ଆକ୍ରମଣ ଜାରି ରହିଥିବା ସୂଚନା ମିଳିଛି । ଯୁକ୍ତରାଷ୍ଟ୍ର ଆମେରିକାର କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ କୁହାଯାଇଛି, ଆମେରିକାର ନୌବାହିନୀ ଆକ୍ରମଣରେ ହର୍ମୋଜ ପ୍ରଣାଳୀ ନିକଟରେ ନାଭାଲ୍ ମାଇନ୍ ଖଞ୍ଜୁଥିବା ୧୬ଟି ଜାହାଜକୁ ଧ୍ୱଂସ କରାଯାଇଛି । ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ କୁହାଯାଇଛି, ହର୍ମୋଜ ପ୍ରଣାଳୀ ଦେଇ ତୈଳ କାରବାର ରୋକିବାକୁ ଇରାନ ପକ୍ଷରୁ ନାଭାଲ୍ ମାଇନ୍ ଖଞ୍ଜାଯିବା ପାଇଁ ଉଦ୍ୟମ କରାଯାଉଥିଲା ।

ଆମେରିକାର ପ୍ରତିରକ୍ଷା ସଚିବ ପିଟେ ହେଗ୍‌ସେଟ୍ କହିଛନ୍ତି ଗତ କିଛିଦିନ ମଧ୍ୟରେ  ଇରାନ ଉପରେ ଏହା  ସବୁଠାରୁ ବଡ଼ ଆକ୍ରମଣ । ଆମେରିକା ଓ ଇସ୍ରାଏଲ୍ ମିଳିତ ବାହିନୀ ପକ୍ଷରୁ କୁହାଯାଇଛି ଯେ ପଶ୍ଚିମ ଏସିଆରେ ସଂଘର୍ଷ ଆରମ୍ଭ ହେବା ଦିନଠାରୁ ୫ ହଜାରରୁ ଅଧିକ ଅଞ୍ଚଳକୁ ଲକ୍ଷ୍ୟ କରାଯାଇ ଆକ୍ରମଣ ହୋଇଛି । ଇରାନ ପକ୍ଷରୁ ମିଜାଇଲ୍ ଓ ଡ୍ରୋନ୍ ଜରିଆରେ ପ୍ରତିଆକ୍ରମଣ କରାଯାଉଛି । କତାରର ଦୋହାରେ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି । ତେବେ କୁଏତ୍ ପକ୍ଷରୁ କୁହାଯାଇଛି ଯେ, ଇରାନ ପକ୍ଷରୁ ୮ଟି ଡ୍ରୋନ୍ ମାଧ୍ୟମରେ କରାଯାଇଥିବା ଆକମଣକୁ ଏୟାର ଡିଫେନ୍ସ ସିଷ୍ଟମ୍ ପ୍ରତିହତ କରିଛି ।

## ମହା ନକ୍ସଲାଇଟ୍

ଛତିଶଗଡ଼ର ୬ଟି ଜିଲ୍ଲାରେ ୧୦୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ବିଜାପୁର, ଦାନ୍ତେୱାଡ଼ା, ସୁକ୍‌ମା, ବସ୍ତର, ନାରାୟଣପୁର ଏବଂ କାଙ୍କେର୍ ଜିଲ୍ଲାରେ ନକ୍ସଲବାଦୀମାନେ ଆତ୍ମସମର୍ପଣ କରିଥିଲେ । ଏହି ମାଓବାଦୀଙ୍କ ଉପରେ ୩ କୋଟି ୯୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ପୂର୍ବରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଚଳିତମାସ ଶେଷ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

## ଟ୍ରମ୍ପ-ରିଲାଏନ୍ସ

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଛନ୍ତି, ଗତ  ୫୦ ବର୍ଷରେ ଆମେରିକାରେ ପ୍ରଥମଥର ପାଇଁ  ରିଲାଏନ୍ସ ଇଣ୍ଡଷ୍ଟ୍ରୀର ପୁଞ୍ଜି ନିବେଶରେ

ତୈଳ ବିଶୋଧନାଗାର ପ୍ରତିଷ୍ଠା ହେବ । ଟେକ୍ସାସ୍ ସହରର ବ୍ରାଉନ୍ସ୍ ଭିଲେ ବନ୍ଦର ନିକଟରେ ପ୍ରତିଷ୍ଠା ହେବାକୁ ଥିବା ଏହି ନୂତନ ତୈଳ ବିଶୋଧନାଗାର ଆମେରିକା ବଜାରକୁ ଇନ୍ଧନ ଯୋଗାଇବ । ଏହା ଆମେରିକାର ଜାତୀୟ ସୁରକ୍ଷାକୁ ମଜବୁତ କରିବା ସହିତ ଶକ୍ତି ଉତ୍ପାଦନକୁ ଦୃଢ଼ କରିବ। ତୈଳ ବିଶୋଧନାଗାରରେ ବହୁସଂଖ୍ୟାରେ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ । ସାମାଜିକ ଗଣମାଧ୍ୟମରେ ଶ୍ରୀ ଟ୍ରମ୍ପ କହିଛନ୍ତି, ଦକ୍ଷିଣ ଟେକ୍ସାସ୍‌ର ଜନସାଧାରଣ ଓ ଆମେରିକାର ଶ୍ରମିକମାନଙ୍କ ପାଇଁ ୩୦୦ ବିଲିୟନ ଡଲାରର  ଏହି ଐତିହାସିକ ରାଜିନାମା ଏକ ବଳିଷ୍ଠ ପଦକ୍ଷେପ । ତେବେ ରିଲାଏନ୍ସ ଇଣ୍ଡଷ୍ଟ୍ରି ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ ।

## ଇଣ୍ଡିଆ-ଆର୍ଚେରୀ

ଭାରତ ୨୨ ବର୍ଷ ପରେ ଏକ ପ୍ରମୁଖ ଆନ୍ତର୍ଜାତିକ ଧନୁଚାଳନା ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି । ଧନୁ ଚାଳନା ଏସିଆ କପ୍ ୨୦୨୭ ଦିଲ୍ଲୀରେ ଆୟୋଜନ କରିବାକୁ ଭାରତକୁ ମନୋନୀତ କରାଯାଇଥିଲା । ୨୦୦୫ ମସିହାରେ ନୂଆଦିଲ୍ଲୀରେ ପ୍ରଥମଥର ପାଇଁ ଭାରତ  ଏସିଆ ଧନୁ ଚାଳନା ଚମ୍ପିୟାନ୍‌ସିପ୍ ଆୟୋଜନ କରିଥିଲା। ବିଶ୍ୱ ଧନୁ ଚାଳନା ଏସିଆ ମୁଖ୍ୟ କାଜି ରାଜିବ ଉଦ୍ଦିନ ଅହମ୍ମଦ ଚାପୋଲ ତାଙ୍କର ୩ ଦିନିଆ କୋଲକାତା ଗସ୍ତ ଅବସରରେ ଏହି ଘୋଷଣା କରିଛନ୍ତି । ଶ୍ରୀ ଚାପୋଲ ଓ ଭାରତୀୟ ଧନୁ ଚାଳନା ସଂଘର ସାଧାରଣ ସମ୍ପାଦକ ବୀରେନ୍ଦ୍ର ସଚଦେବଙ୍କ ମଧ୍ୟରେ ଆଲୋଚନା ପରେ ଏହି ଘୋଷଣା କରାଯାଇଛି ।